# ଶତକ ମୁହାଁ ସଂକ୍ରମଣ

**ଢେଙ୍କାନାଳ ଅଫିସ, ୨।୫**



■ ଦିନକରେ ୮୬ ସଂକ୍ରମିତ ଚିହ୍ନଟ
■ ପୌରାଞ୍ଚଳ ପାଇଁ ଚିନ୍ତାରେ ପ୍ରଶାସନ

ଢେଙ୍କାନାଳ ଜିଲାରେ କରୋନାରେ ବ୍ରେକ୍ ଲାଗୁନାହିଁ। ଏକ ଅଙ୍କରୁ ବଢ଼ି ଏବେ ଶତକ ମୁହାଁ ହେଲାଣି ଦୈନିକ ସଂକ୍ରମଣ। ମାତ୍ର ୧୦ ଦିନ ଭିତରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ସାପ୍ତାହିକ ଶଟ୍‌ଡାଉନ୍ ସତ୍ତ୍ୱେ ପଜିଟିଭ୍ ସଂଖ୍ୟାରେ ଏପରି ବୃଦ୍ଧି ପ୍ରଶାସନ ସମେତ ଜିଲାବାସୀଙ୍କୁ ଚିନ୍ତାରେ ପକାଇଛି।

ଜିଲାରୁ ଗତ ୨୪ ଘଣ୍ଟାରେ ୮୬ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ୬ଜଣ ସୁସ୍ଥ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳରୁ ସର୍ବାଧିକ ୨୦ ଜଣ ଅଛନ୍ତି। ସେହିପରି ହିନ୍ଦୋଳ ବ୍ଲକରୁ ୧୭ ଓଏନ୍‌ଏସିରୁ ୨, ଭୁବନ ବ୍ଲକରୁ ୭ ଓ ଏନ୍‌ଏସିରୁ ୩, ଓଡ଼ାପଡ଼ା ବ୍ଲକରୁ ୧୧, କାମାକ୍ଷାନଗର ବ୍ଲକରୁ ୭, ପରଜଙ୍ଗ ବ୍ଲକରୁ ୨, କଙ୍କଡ଼ାହାଡ଼, ସଦର ଓ ଗଁଦିଆ ବ୍ଲକରୁ ୫ଜଣ ଲେଖାଏ ପଜିଟିଭ୍ ବାହାରିଛନ୍ତି। ସେହିପରି ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ପରୀକ୍ଷଣରୁ ୨ଜଣ ସଂକ୍ରମିତ ହୋଇଥିବା ଜଣାପଡ଼ିଛି।

ଅପରପକ୍ଷେ ଢେଙ୍କାନାଳ ପୌରାଞ୍ଚଳରେ ଉପରମୁହାଁ ହେଉଥିବା କରୋନା ଗ୍ରାଫ୍ ଚିନ୍ତା ବଢ଼ାଇଛି। ଏଠାରୁ ବାହାରିଥିବା ୨୦ ଆକ୍ରାନ୍ତଙ୍କ ମଧ୍ୟରେ ଟାଉନ ପ୍ଲାନିଂ, ହାଉସିଂବୋର୍ଡ ଓ ସିନର୍ଜି କଲେଜ ଅଞ୍ଚଳରୁ ୩ଜଣ ଲେଖାଏ, ଷ୍ଟେଶନ ବଜାର, ତାରିଣୀ ନଗର, ଜୁବିଲିଟାଉନ ଅଞ୍ଚଳରୁ ୨ଜଣ ଲେଖାଏ, ଦକ୍ଷିଣକାଳୀ ରୋଡ୍, ପଧାନସାହି, ଦୋଳମଣ୍ଡପ ସାହି, ମୀନାବଜାର ଓ ଏଲ୍‌ଆଇସି ରୋଡ୍‌ରୁ ଜଣେ ଲେଖାଏ ଅଛନ୍ତି। ଶନିବାର ଏବଂ ରବିବାର ସପ୍ତାହାନ୍ତ ଶଟ୍‌ଡାଉନ୍ ଯୋଗୁ ସହରାଞ୍ଚଳରେ ଗତିବିଧି କମିଛି। କଟକଣା ସତ୍ତ୍ୱେ ସଂକ୍ରମିତଙ୍କ ସଂଖ୍ୟା ହଠାତ୍ ବଢ଼ିବା ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏହାକୁ ପ୍ରତିହତ କରିବା ଲାଗି ଯୋଜନା ପ୍ରସ୍ତୁତ କରାଯାଉଥିବା ପ୍ରଶାସନ ପକ୍ଷରୁ କୁହାଯାଉଛି।

ସୂଚନାଯୋଗ୍ୟ, ଢେଙ୍କାନାଳ ଜିଲାରୁ ଗତ ୨୪ରୁ ୩୦ ତାରିଖ ମଧ୍ୟରେ ମୋଟ ୧୫୦ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୧୩୯ ଜଣ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ୨,୪୬,୯୫୭ଜଣଙ୍କ ସ୍ୱାବ୍ ଟେଷ୍ଟ ହୋଇଛି। ସେଥିରୁ ୬୨୨୮ଜଣ କରୋନା ଆକ୍ରାନ୍ତ ଭାବେ ଚିହ୍ନଟ ହୋଇଛନ୍ତି। ଚିକିତ୍ସା ପରେ ୫୯୦୪ଜଣ ସୁସ୍ଥ ହୋଇସାରିଲେଣି। ୨୯ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଥିବାବେଳେ ୨୯୫ଜଣ ସକ୍ରିୟ ଆକ୍ରାନ୍ତ ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ନିଷିଦ୍ଧାଞ୍ଚଳରେ ଶିକାର



ବନ ବିଭାଗ ଦ୍ୱାରା ଗିରଫ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ।

■ ୨ ଶିକାରୀ ଗିରଫ
■ ମାଂସ, ବନ୍ଧୁକ, ବାଇକ୍ ଜବତ

**ଢେଙ୍କାନାଳ ଅଫିସ, ୨।୫**

ଢେଙ୍କାନାଳ ଜିଲା କପିଳାସ ଅଭୟାରଣ୍ୟର କମ୍ପାର୍ଟମେଣ୍ଟ ନଂ.୧୦ରୁ ବନ କର୍ମଚାରୀ ରବିବାର ଦୁଇ ଶିକାରୀଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ଗଁଦିଆ ଥାନା ଆରୁହା ଗ୍ରାମର ରବିନାରାୟଣ ବେହେରା (୬୨) ଏବଂ ରଜତ କୁମାର ବେହେରା (୩୨)। ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ଶିକାର କରୁଥିବା ସୂଚନା ପାଇ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଘଟଣାସ୍ଥଳରୁ ଏକ ଦେଶୀ ବନ୍ଧୁକ, ୧୦ କେ.ଜି. ୧୫୦ ଗ୍ରାମ୍ ବନ୍ୟପ୍ରାଣୀ ମାଂସ, ବାଇକ୍ (ନଂ. ଓଡ଼ି ୦୬ ଏ ୬୪୫୫) ଜବତ କରାଯାଇଛି। ଏ ନେଇ କପିଳାସ ରେଞ୍ଜ କାର୍ଯ୍ୟାଳୟ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଠିକା କର୍ମଚାରୀ ମୃତ, ଉତ୍ତେଜନା

**ଢେଙ୍କାନାଳ ଅଫିସ, ୨।୫:** ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ପଣ୍ଡୁଆ ଫାଣ୍ଡି ଅଧୀନ ଶ୍ରୀରାମପୁର ଗ୍ରାମରେ ଖୁଣ୍ଟରେ ଚଢ଼ି ମରାମତି କରୁଥିବାବେଳେ ବିଦ୍ୟୁତ୍ ଆଘାତରେ ରବିବାର ଜଣେ ଠିକା କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସଦର ଥାନା ସଦାଶିବପୁର ଗ୍ରାମର ସୁଧୀର କୁମାର ତ୍ରିପାଠୀ (୪୩)। ବିଦ୍ୟୁତ୍ ସଂସ୍ପର୍ଶରେ ଆସିବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଅଁଳାବେରେଣୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଘଟଣାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ଏବଂ ପରିବାରବର୍ଗ ମୃତକଙ୍କ ପରିବାରକୁ ୪୦ଲକ୍ଷ ଟଙ୍କା କ୍ଷତିପୂରଣ, ସ୍ତ୍ରୀଙ୍କୁ ନିଯୁକ୍ତି ପ୍ରଦାନ କରିବା ପାଇଁ ଦାବି କରିଥିଲେ। ଏହି ଘଟଣା ପାଇଁ ପରିବାର ଲୋକେ ବିଭାଗୀୟ କର୍ତ୍ତୃପକ୍ଷ ଏବଂ ଠିକା ସଂସ୍ଥାକୁ ଦାୟୀ କରିଛନ୍ତି। ଠିକାସଂସ୍ଥା କର୍ମଚାରୀ ଏବଂ ସେସୁ କନିଷ୍ଠ ଯନ୍ତ୍ରୀ ଭରତ କାଣ୍ଡି ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

### ଶ୍ରମିକ ଆଇନ ଉପରେ ଆଲୋଚନା

**ଢେଙ୍କାନାଳ ଅଫିସ, ୨।୫:** ସ୍ଥାନୀୟ ଉଫୁନା କାର୍ଯ୍ୟାଳୟରେ ରାଜ୍ୟ ଅଧକ୍ଷ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧକ୍ଷତାରେ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା, ପୂର୍ବତନ ସିବିଆଇ ଜଜ୍ ଭିକାରି ଚରଣ ରାଉତ, ସାମାଜିକ କର୍ମୀ ଶରତ ଶତପଥୀ ପ୍ରମୁଖ ଶ୍ରମିକ ଆଇନ, ସହାୟତା ଏବଂ ଶ୍ରମଜୀବୀଙ୍କ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କବି ବାହାଦୁର ପାଟାସାହାଣୀ, ଇଂ. ଦମ୍ଭରୁଧର ପଣ୍ଡା, ପ୍ରଫେସର ଦିଲୀପ ନନ୍ଦ, ଆଇନଜୀବୀ ବିଳାସିନୀ ପଟ୍ଟନାୟକ, ବିଚିତ୍ରାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ବଜ୍ରପାତରେ ୬ ମଇଁଷି ମୃତ

**ଢେଙ୍କାନାଳ ଅଫିସ, ୨।୫:** ଢେଙ୍କାନାଳ ସଦର ବ୍ଲକ ଶଙ୍କରପୁର ପଞ୍ଚାୟତ ପାମାଳ ଗ୍ରାମରେ ଗତ ଶୁକ୍ରବାର ରାତିରେ ବଜ୍ରପାତ ଘଟି ୬ ମଇଁଷିଙ୍କ ଜୀବନ ଯାଇଛି। ଗାଁ ବାହାର ପଡ଼ିଆରେ ମଇଁଷି ପଲ ବନ୍ଧା ହୋଇଥିବା ବେଳେ କାଳବୈଶାଖୀ ପ୍ରଭାବରେ ଝଡ଼ତୋଫାନ ହେବା ସହ ବଜ୍ରପାତ ହୋଇଥିଲା। ମୃତ ମଇଁଷିଗୁଡ଼ିକ ସରୋଜ ବେହେରାଙ୍କର। ତାଙ୍କୁ ସରକାରୀ ସହାୟତା ଦେବାକୁ ଦାବି ହୋଇଛି।

### ଆଖଣ୍ଡଳମଣି ମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ

**ଆରଡ଼ି,୨।୫ (ଡି.ଏନ.ଏ.):** କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ନେଇ ଘୋଷଣା କରାଯାଇଛି। ଶନିବାର ସନ୍ଧ୍ୟାଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଏହା ଘୋଷଣା ହୋଇଛି। କେବଳ ସେବାୟତମାନେ ଯଥାବିଧି ମନ୍ଦିର ପ୍ରବେଶ କରିବା ସହ ପୂଜାର୍ଚ୍ଚନା କରିପାରିବେ ବୋଲି ଉପଜିଲାପାଳ ତଥା ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ପିତାମ୍ବର ସାମଲ ସୂଚନା ଦେଇଛନ୍ତି।

### କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ

**ବାଲେଶ୍ୱର ଅଫିସ, ୨।୫:** ବାଲେଶ୍ୱର ସହର ସହଦେବଖୁଣ୍ଟା ଅଞ୍ଚଳରେ ଶନିବାର ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ୧କେଜି ୩୬୦ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହାର ମୂଲ୍ୟ ୧ କୋଟିର ଊର୍ଦ୍ଧ୍ୱ ହେବ। ଏହି କାରବାରରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସହଦେବଖୁଣ୍ଟା ଅଞ୍ଚଳରେ ବ୍ରାଉନସୁଗାର କାରବାର ଚାଲିଥିବା ଖବରପାଇ ଭୁବନେଶ୍ୱର ଏସ୍‌ଟିଏଫ ଟିମ୍ ଚଢ଼ାଉ କରିଥିଲା। ୨ଜଣଙ୍କୁ ଗିରଫ କରାଯିବା ପରେ ସେମାନଙ୍କଠାରୁ ଅନ୍ୟାନ୍ୟ ଅପରାଧିକ ସାମଗ୍ରୀ ଜବତ କରାଯାଇଛି।

# ଶ୍ରମିକଙ୍କୁ କରୋନା ସଚେତନତା



ପିଲାମାନଙ୍କୁ ପାଠ୍ୟପୁସ୍ତକ ବଣ୍ଟନ କରାଯାଉଛି।

**ଢେଙ୍କାନାଳ ଅଫିସ, ୨।୫**

ଢେଙ୍କାନାଳ ସଦର ବ୍ଲକ୍ ସାରୁଆଣୀସାହିରେ ଗୁରୁଦେବଜୀ ଫାଉଣ୍ଡେଶନ୍ ପକ୍ଷରୁ ଶନିବାର ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାହିରେ ରହୁଥିବା ଶ୍ରମିକଙ୍କୁ ସାନିଟାଇଜର୍, ମାସ୍କ ବଣ୍ଟନ କରାଯିବା ସହିତ କରୋନା ମହାମାରୀ ସମ୍ପର୍କରେ ସଚେତନ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ଇଂ. ସୌମ୍ୟବ୍ରତ ସାହୁ ସରକାରଙ୍କ ଶ୍ରମିକ କଲ୍ୟାଣ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଅନୁଷ୍ଠାନର ସଦସ୍ୟ ଆଭାସ କୁମାର ବରାଳ କୁନି ଛାତ୍ରୀଛାତ୍ରଙ୍କୁ ପାଠ୍ୟପୁସ୍ତକ ବଣ୍ଟନ କରିଥିଲେ। ବିଜ୍ଞାନ ମହାନ୍ତି କରୋନା ନିୟମକୁ ମାନି ଚଳିବା ସହ ପାଠପଢ଼ିବା ଲାଗି ପରାମର୍ଶ ଦେଇଥିଲେ। ସେହିପରି ଅନୁଷ୍ଠାନ ପକ୍ଷରୁ ଢେଙ୍କାନାଳ ସହରର ସଫେଇ କର୍ମଚାରୀଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅମରେନ୍ଦ୍ର ବେହେରା, ଶ୍ରୀକାନ୍ତ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ଥାନା ଆଗରେ ମହିଳାଙ୍କ ଆତ୍ମାହୁତି ଉଦ୍ୟମ

**ବାସୁଦେବପୁର,୨।୫(ଡି.ଏନ.ଏ.)**

ଜମିଜମା ବିବାଦ ମାମଲାରେ ପୋଲିସ ଉପରେ ଅସନ୍ତୋଷ ପ୍ରକାଶ ପରି ଶନିବାର ଅପରାହ୍ନରେ ବାସୁଦେବପୁର ଥାନା ସମ୍ମୁଖରେ ଅରଣ୍ଡୁଆ ପଞ୍ଚାୟତ ନରେନ୍ଦ୍ରପୁର ଗ୍ରାମର ତାରାମଣି ବିଶ୍ୱାଳ ଆତ୍ମାହୁତି ଉଦ୍ୟମ କରିଥିଲେ। ସେଠାରେ ଉପସ୍ଥିତ କେତେଜଣ ବ୍ୟକ୍ତି ତାଙ୍କୁ ଉଦ୍ଧାର କରିଥିଲେ। ତାରାମଣିଙ୍କ କହିବା ଅନୁଯାୟୀ, ତାଙ୍କ ସହ ଜଣେ ପଡ଼ୋଶୀଙ୍କ ଜମିବାଡ଼ି ବିବାଦ ଲାଗି ରହିଛି। ଏ ନେଇ ସେ ଶୁକ୍ରବାର ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ତାଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆ ନ ଥିଲା। ଏହାର ସୁଯୋଗରେ ବିପକ୍ଷ ଗୋଷ୍ଠୀ ବିବାଦୀୟ ଜମିରେ ଘର ନିର୍ମାଣ ଆରମ୍ଭ କରିଛନ୍ତି। ଏହି ଘଟଣାରେ ପୋଲିସ ଚୁପ୍ ରହିଥିବାରୁ ସେ ଏଭଳି ପଦକ୍ଷେପ ନେବାକୁ ବାଧ୍ୟ ହେଲେ ବୋଲି କହିଛନ୍ତି। ଏ ସମ୍ପର୍କରେ ଆଇଆଇସି ଗୌରାଙ୍ଗ ଚନ୍ଦ୍ର ସାହୁ କୁହନ୍ତି, ଏହା ଏକ ଜମିଜମା ମାମଲା ହୋଇଥିବାରୁ ପୋଲିସ ଅଧିକ କିଛି ପଦକ୍ଷେପ ନେଇପାରୁ ନାହିଁ। ତେବେ ମହିଳାଙ୍କ ଅଭିଯୋଗ ଆଧାରରେ ତଦନ୍ତ କରାଯିବ।

# ଗଡ଼ିଲା ଅକ୍ସିଜେନ୍ ଏକ୍ସପ୍ରେସ୍

**ଢେଙ୍କାନାଳ ଅଫିସ, ୨।୫**



ଟାଟାଷ୍ଟିଲ୍ ବିଏସ୍ଏଲ୍ ପ୍ଲାଣ୍ଟରୁ ବାହାରିଥିବା ଅକ୍ସିଜେନ ଏକ୍ସପ୍ରେସ୍।

■ ଟାଟାଷ୍ଟିଲ ବିଏସ୍ଏଲରୁ ଦୈନିକ ଉତ୍ପାଦନ ହେଉଛି ୧୦୦ ଟନ୍
■ ଓଡ଼ିଶା ସମେତ, ତେଲଙ୍ଗାନା, ହରିୟାଣାକୁ ହେଉଛି ଯୋଗାଣ

ଢେଙ୍କାନାଳରୁ ଶୁକ୍ରବାର ପ୍ରଥମ ଥର ଗଡ଼ିଛି ଅକ୍ସିଜେନ୍ ଏକ୍ସପ୍ରେସ। ଟାଟାଷ୍ଟିଲ ବିଏସ୍ଏଲ୍ ପ୍ଲାଣ୍ଟ ପକ୍ଷରୁ ତେଲଙ୍ଗାନା ଏବଂ ହରିୟାଣାକୁ ଲିକ୍ୟୁଡ୍ ମେଡିକାଲ ଅକ୍ସିଜେନ୍ ଯୋଗାଣ ଆରମ୍ଭ ହୋଇଛି। ପୂର୍ବତଟ ରେଲୱେ ପରିଚାଳନାରେ ସକାଳେ ୨ ଏବଂ ସନ୍ଧ୍ୟାରେ ୫ ଟ୍ୟାଙ୍କର ଗନ୍ତବ୍ୟ ପଥ ଅଭିମୁଖେ ବାହାରିଥିଲେ।

କରୋନାର ଦ୍ୱିତୀୟ ଲହର ଦେଶରେ ମେଡିକାଲ ଉପଯୋଗୀ ଅକ୍ସିଜେନ ସଙ୍କଟ ସୃଷ୍ଟି କରିଥିବାବେଳେ ମେଡିକାଲ ଉପଯୋଗୀ ତରଳ ଅକ୍ସିଜେନ ଯୋଗାଣ ଲାଗି ଆଗକୁ ଆସିଛି ଟାଟା ଷ୍ଟିଲ ବିଏସ୍ଏଲ୍। ଜରୁରିକାଳୀନ ଆବଶ୍ୟକତା ଦୃଷ୍ଟିରୁ ଟାଟାଷ୍ଟିଲ ବିଏସ୍ଏଲ୍‌ର ଢେଙ୍କାନାଳସ୍ଥିତ ପ୍ଲାଣ୍ଟରୁ ଦିନକୁ ୧୦୦ଟନ୍ ଅକ୍ସିଜେନ୍ ଉତ୍ପାଦନ କରାଯାଉଛି। ଏହାକୁ ଓଡ଼ିଶା ସମେତ ତେଲଙ୍ଗାନା ଓ ହରିୟାଣାକୁ ଯୋଗାଣ କରାଯାଉଛି। ମେଡିକାଲ ଅକ୍ସିଜେନ୍ ସୁପରିଚାଳନା ପାଇଁ କେନ୍ଦ୍ର ସରକାର ଏକ କମିଟି କରିଛନ୍ତି। ଏହି କମିଟି ଉତ୍ପାଦନ, ସମୁଚିତ ବ୍ୟବହାର ଏବଂ ସଂରକ୍ଷଣର ସୁପରିଚାଳନା କରୁଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

ପୂର୍ବତଟ ରେଲୱେର ସିନିୟର ଡିଭିଜିନାଲ କମର୍ସିଆଲ ମ୍ୟାନେଜର ଅମିତେଶ ଆନନ୍ଦ, ଚିଫ୍ ମୁଭମେଣ୍ଟ ଇନ୍ସପେକ୍ଟର ଜେ. ପାତ୍ର, କଣ୍ଟାବଣିଆ ଥାନାଧିକାରୀ ନିରଞ୍ଜନ ସେଠୀ, କମ୍ପାନୀ ସୁରକ୍ଷା ବିଭାଗ ଜିଏମ୍ ଦୀପକ କୁମାର, ରେଳ ଲଜିଷ୍ଟିକ୍ ବିଭାଗ ଏଜିଏମ୍ ଡି.ପି. ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପତାକା ଦେଖାଇ ଅକ୍ସିଜେନ୍ ଏକ୍ସପ୍ରେସର ଶୁଭାରମ୍ଭ କରିଥିଲେ।

# କରୋନା ପରୀକ୍ଷଣ ପାଇଁ ଆସି ଲୋକେ ହନ୍ତସନ୍ତ

**ଛେଣ୍ଡିପଦା,୨।୫(ସ୍ୱ.ପ୍ର.)**

ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ରବିବାର କୋଭିଡ୍ ପରୀକ୍ଷଣ ପାଇଁ ଆସିଥିବା ଲୋକେ ହନ୍ତସନ୍ତ ହୋଇଥିବା ଦେଖିବାକୁ ମିଳିଛି। ବ୍ଲକର କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ୍-୧୯ ପରୀକ୍ଷା କେନ୍ଦ୍ର ଖୋଲାଯାଇଛି। ତେବେ ଉକ୍ତ ପରୀକ୍ଷା କେନ୍ଦ୍ର ଗୁଡିକରେ ଦିନକରେ କେତେ ଲୋକଙ୍କ ଟେଷ୍ଟିଂ କରାଯିବ ସେ ସମ୍ପର୍କରେ ପୂର୍ବରୁ ସୂଚନା ପ୍ରଦାନ କରାଯାଉ ନାହିଁ। ଫଳରେ ଟେଷ୍ଟିଂ କରିବା ପାଇଁ ବହୁ ଦୂରଦୂରାନ୍ତରୁ ଆସୁଥିବା ଲୋକମାନେ ନିରାଶ ହୋଇ ଫେରି ଯାଉଛନ୍ତି। ଏପରିକି ଟେଷ୍ଟିଂ ପାଇଁ ସକାଳୁ ଡାକ୍ତରଖାନା ପରିସରରେ ଲୋକମାନଙ୍କ ଭିଡ ଲାଗି ରହୁଥିବା ଦେଖାଯାଇଛି। ସେହିପରି ଲୋକେ ପ୍ରଥମେ ନାମ ପଞ୍ଜୀକରଣ ପାଇଁ ଧାଡ଼ିରେ ରହୁଥିବାବେଳେ ସେମାନଙ୍କ ଭିତରେ ସାମାଜିକ ଦୂରତ୍ୱ ରହୁ ନାହିଁ। ଏପରିକି କୋଭିଡ୍ ପରୀକ୍ଷା ପାଇଁ ଆସୁଥିବା ଲୋକମାନେ ଡାକ୍ତରଖାନା ପରିସରରେ ଗୋଟିଏ ସ୍ଥାନରେ ନ ରହି ଏଣେ ତେଣେ ବୁଲୁଥିବାରୁ ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କ ମନରେ ଭୟର ବାତାବରଣ ଖେଳିଯାଉଛି। ଛେଣ୍ଡିପଦା ଓ କୋଶଳା ଡାକ୍ତରଖାନାକୁ କୋଭିଡ୍ ଟେଷ୍ଟ ପାଇଁ ଆସୁଥିବା ଲୋକମାନଙ୍କ ନିମନ୍ତେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଏବଂ କେଉଁ ଦିନ କେତେ ଟେଷ୍ଟିଂ କରାଯିବ ତାହା ପୂର୍ବରୁ ସୂଚିତ କରାଯିବା ପାଇଁ ସାଧାରଣରେ ଦାବି ହୋଇଛି।



କୋଭିଡ୍ ପରୀକ୍ଷଣ ପାଇଁ ଆସିଥିବା ଲୋକମାନେ ଧାଡ଼ିରେ ଠିଆ ହୋଇଛନ୍ତି।

# ବଜ୍ରପାତରେ ଜଳିଗଲା ଗଛ, ୨୯ ବଖରା

**ପାଟଣା/ହାଟଡିହୀ/ରୂପସା/ଭଦ୍ରକ ଅଫିସ, ୨।୫(ସ୍ୱ.ପ୍ର./ଡି.ଏନ.ଏ.)**



ପାଟଣାରେ ଜଳି ଯାଇଥିବା ମହୁଲ ଗଛ।



ବାଲେଶ୍ୱର ଜିଲା ରୂପସାରେ ଜଳିଯାଉଥିବା ଏକ ଘର।

କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଜିଲାର ବିଭିନ୍ନ ସ୍ଥାନର ବଜ୍ରପାତ ଘଟି ଗଛ ସହ ୨୯ ବଖରା ଜଳିଯାଇଛି। କେନ୍ଦୁଝର ପାଟଣା ବ୍ଲକରେ ରବିବାର ଅପରାହ୍ନରେ କାଳ ବୈଶାଖୀ ପ୍ରଭାବରେ ବୁଢ଼ୀକାପୁଡି ମହାନ୍ତ ସାହିରେ ବଜ୍ରପାତ ହୋଇଛି। ଉକ୍ତ ଗ୍ରାମର ଲକ୍ଷ୍ମୀଧର ମହାନ୍ତଙ୍କ ପଡ଼ିଆରେ ଥିବା ଏକ କଞ୍ଚା ମହୁଲ ଗଛ ଉପରେ ବଜ୍ରପାତ ହେବାରୁ ଗଛଟି ସମ୍ପୂର୍ଣ୍ଣ ଜଳିଯାଇଛି। ପାଟଣା ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ସେହିପରି ହାଟଡିହୀ ବ୍ଲକ ଅଁରା ପଞ୍ଚାୟତ ମଧୁରଗଡିଆ ଗ୍ରାମରେ ଗତ ଶନିବାର ରାତିରେ ବଜ୍ରପାତ ଘଟି ୩ବଖରା ପୋଡ଼ିଯାଇଛି। ବଜ୍ରପାତରେ ହଠାତ ନିଆଁ ଲାଗିବାରୁ ପରିବାର ଲୋକ ଭୟରେ ବାହାରକୁ ପଳାଇ ଆସିଥିଲେ। ଘରର ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଧରଣୀଧର ଶଙ୍ଖୁଆ ଓ ନିତ୍ୟାନନ୍ଦ ଶଙ୍ଖୁଆ ଏଥିରେ କ୍ଷତିଗ୍ରସ୍ତ ହୋଇଛନ୍ତି। ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ କୁଡ଼ିଆ ଗ୍ରାମର ଗୋପାଳ ଜେନାଙ୍କ ୬ ବଖରା ବାସଗୃହ ବଜ୍ରପାତରେ ଅଗ୍ନିକାଣ୍ଡ ଘଟି ଭସ୍ମୀଭୂତ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ବର୍ଷା ସହ ବଜ୍ରପାତ ହୋଇଥିଲା। ଚାହୁଁ ଚାହୁଁ ଘରଗୁଡିକ ସମ୍ପୂର୍ଣ୍ଣ ଜଳିଯାଇଥିଲା। ଦମକଳବାହିନୀ ଓ ଗାଁ ଲୋକେ ମିଶି ନିଆଁକୁ ଆୟତ୍ତ କରିଥିଲେ। ଘରର ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ପରିବାର ଲୋକେ ଓ ଗୋରୁଗାଈ ଅଳ୍ପକେ ବର୍ତ୍ତିଯାଇଛନ୍ତି।

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଅଚକ ପଞ୍ଚାୟତ ଗୋପସାହିରେ ୨୦ ବଖରା ଘର ଜଳିଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ୧୧ ପରିବାର ସର୍ବସ୍ୱାନ୍ତ ହୋଇଛନ୍ତି। ଶୁକ୍ରବାର ରାତିରେ ବର୍ଷା ପବନ ସହ ବଜ୍ରପାତ ହୋଇଥିଲା। ବଜ୍ରପାତରେ ଘରଗୁଡ଼ିକରେ ନିଆଁ ଲାଗିଯାଇଥିଲା। ଘରଗୁଡ଼ିକ ଲାଗି ରହିଥିବାରୁ ଚାହୁଁ ଚାହୁଁ ନିଆଁ ବ୍ୟାପି ଯାଇଥିଲା। ଘରେ ନିଆଁ ଲାଗିବା ଦେଖି ପରିବାର ଲୋକ ବାହାରକୁ ଚାଲି ଆସିଥିଲେ। ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ସ୍ଥାନୀୟ ଅଗ୍ନିଶମ ବାହିନୀ ଆସି ନିଆଁ ଲିଭାଇଥିଲେ। ଅଗ୍ନିକାଣ୍ଡରେ ଗ୍ରାମର କୃପାସିନ୍ଧୁ ଖୁଣ୍ଟିଆ, ନରହରି ଖୁଣ୍ଟିଆ, ବିଷ୍ଣୁ ମୋହନ ଖୁଣ୍ଟିଆ, ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ପ୍ରମୁଖଙ୍କ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି।

# ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ଶଟ୍‌ଡାଉନ ପ୍ରଭାବ

## ଦୋକାନ ବଜାର, ମୁଖ୍ୟ ରାସ୍ତା ଶୂନ୍‌ଶାନ

**ଛେଣ୍ଡିପଦା,୨।୫(ସ୍ୱ.ପ୍ର)**

କରୋନା ମହାମାରୀର ଦ୍ୱିତୀୟ ଲହରକୁ ରୋକିବା ପାଇଁ ଛେଣ୍ଡିପଦା ବ୍ଲକ ପ୍ରଶାସନ ପକ୍ଷରୁ କୋଭିଡ୍-୧୯ କଟକଣା କଡାକଡି ଭାବେ ପାଳନ କରିବା ପାଇଁ ଦୃଢ ପଦକ୍ଷେପ ନିଆଯାଇଛି। ସରକାରଙ୍କ ପକ୍ଷରୁ ଶନିବାର ଓ ରବିବାର ଦୁଇଦିନ ସପ୍ତାହାନ୍ତ ଶଟ୍‌ଡାଉନ ଘୋଷଣା କରାଯାଇଥିବାରୁ ବ୍ଲକ ପ୍ରଶାସନ କଠୋର ହୋଇଛି। ବ୍ଲକ ଅଞ୍ଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ଛେଣ୍ଡିପଦା, ଜରପଡା, କୋଶଳା, ବାଗେଡିଆ, ନିଶା ଶିଳ୍ପାଞ୍ଚଳ ଆଦି ଅଞ୍ଚଳକୁ ଶଟଡାଉନ ଘୋଷଣା କରାଯାଇଛି। ସେହିପରି ପ୍ରଶାସନ ପକ୍ଷରୁ ପ୍ରତିଦିନ ସନ୍ଧ୍ୟା ୬ ଟାରୁ ସକାଳ ୬ଟା ଯାଏ ଦୋକାନ ବଜାର ବନ୍ଦ କରିବା ସହିତ ନାଇଟ କର୍ଫ୍ୟୁ ଜାରି କରାଯାଇଛି। ଏ ନେଇ ଶନିବାର ଓ ରବିବାର ସମସ୍ତ ସରକାରୀ ବେସରକାରୀ ଅନୁଷ୍ଠାନ ସମେତ ଦୋକାନ ବଜାର ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ଅଧିକାଂଶ ଦୋକାନ ବଜାର ବନ୍ଦ ହୋଇଥିବାବେଳେ ଛେଣ୍ଡିପଦା, ନିଶା ଶିଳ୍ପାଞ୍ଚଳ, ଜରପଡା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପ୍ରତ୍ୟେକ ସାହି, ଛକ, ବଜାରମାନଙ୍କରେ ପୋଲିସ ଗାଡି ବୁଲି ତଦାରଖ କରୁଥିବା ଦେଖିବାକୁ ମିଳିଥିଲା।



BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି। ମାର୍କଶିଟ, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279
7656825022
Retamunda, Bhatigaon, Baragarh

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ମହିଳା ମୃତ

**ଖମାର,୨।୫:** ପାଲଲହଡା ବ୍ଲକ ଦେଇ ଯାଇଥିବା ୧୪୯ନଂ. ଜାତୀୟ ରାଜପଥର ଖମାର ଥାନା ସମ୍ମୁଖରେ ଶନିବାର ଦୁର୍ଘଟଣା ଘଟି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମହିଳାଙ୍କ ସ୍ୱାମୀ ଓ ପୁଅ ସାମାନ୍ୟ ଆହତ ହୋଇଛନ୍ତି। ଖବରପାଇ ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ପ୍ରକାଶ ଯେ, ପାଲଲହଡ଼ା ବତୀସୁଆଁ ଅଞ୍ଚଳର ଦିଲୀପ କୁମାର ପ୍ରଧାନ(୪୦) ସ୍ତ୍ରୀ ଜ୍ୟୋତ୍ସ୍ନାରାଣୀ ସାହୁ (୩୫) ଓ ପୁଅ ତାଜିମ ପ୍ରଧାନ(୬)ଙ୍କୁ ନେଇ ଗତ ୩୦ ତାରିଖରେ ତାଳଚେର ସେଣ୍ଟ୍ରାଲ କଲୋନୀସ୍ଥିତ ଏକ ବିବାହ ଉତ୍ସବରେ ଯୋଗଦେବାକୁ ଯାଇଥିଲେ। ୧ ତାରିଖ ପୂର୍ବାହ୍ନରେ ସେଠାରୁ ବାଇକ୍ (ନଂ. ଓଆର୧୯କେ-୦୧୯୪)ରେ ସେମାନେ ଘରକୁ ଫେରୁଥିବା ବେଳେ ଏକ ଟ୍ରକ୍ (ନଂ. ଓଡି୦୯ଏ-୩୨୯୬) ପଛପଟୁ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଜ୍ୟୋତ୍ସ୍ନାରାଣୀଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ପରିବାର ଲୋକଙ୍କ ସହ ସ୍ଥାନୀୟ ଜନସାଧାରଣ କ୍ଷତିପୂରଣ ଦାବିରେ ମୃତଦେହ ରାସ୍ତାରେ ରଖି ରାଜପଥ ଅବରୋଧ କରିଥିଲେ। ଏଥିଯୋଗୁ ଦୀର୍ଘ ୩ ଘଣ୍ଟା ଧରି ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଅତିରିକ୍ତ ତହସିଲଦାର ଦାମୋଦର ପ୍ରଧାନ ପହଞ୍ଚି ମୃତକଙ୍କ ପରିବାରକୁ ବୀମା ଅର୍ଥ ପ୍ରଦାନର ପ୍ରତିଶ୍ରୁତି ସହ ରେଡକ୍ରସ୍‌ରୁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହାପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଖମାର ଥାନା ଅଧିକାରୀ ନିରୋଦ କୁମାର ଦାସ, ଏସ୍‌ଆଇ ପ୍ରିୟବ୍ରତ ପ୍ରଧାନ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଥିଲେ। ଏ ସଂକ୍ରାନ୍ତରେ ନଂ. ୭୯/୨୦୨୧ରେ ଏକ ମାମଲା ରୁଜୁ କରାଯାଇଛି।

### ଶର୍ଟସର୍କିଟରୁ ଜଳିଗଲା ଦୋକାନ



**ବଇଣ୍ଡା,୨।୫(ଡି.ଏନ.ଏ.):** କିଶୋରନଗର ସଦର ମହକୁମାରେ ଥିବା ସଞ୍ଜୀବ ସାହୁଙ୍କ ହାର୍ଡୱେର ଦୋକାନରେ ଶୁକ୍ରବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ବର୍ଷାବେଳେ ବଜ୍ରପାତ ଘଟି ଶର୍ଟସର୍କିଟ୍ ହେବାରୁ ଦୋକାନ ଜଳିଯାଇଛି। ଏଥିରେ ୫ ଲକ୍ଷ ଟଙ୍କାର କ୍ଷୟକ୍ଷତି ଘଟିଥିବା ଆକଳନ କରାଯାଇଛି। ସକାଳେ ସଞ୍ଜୀବ ଦୋକାନ ଖୋଲିବା ପରେ ଅଗ୍ନିକାଣ୍ଡ ସମ୍ପର୍କରେ ଜାଣିବାକୁ ପାଇଥିଲେ। ଖବରପାଇ ବାମୁର ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ସ୍ୱାଧୀନତା ସଂଗ୍ରାମୀଙ୍କ ପରଲୋକ

**ବଇଣ୍ଡା,୨।୫(ଡି.ଏନ.ଏ.):** କିଶୋରନଗର ବ୍ଲକ ଧଉରାପାଲି ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ଅର୍ଜୁନ କୁମାର ବେହେରାଙ୍କ ଶୁକ୍ରବାର ପରଲୋକ ହୋଇଛି। ତାଙ୍କୁ ୯୭



ବର୍ଷ ହୋଇଥିଲା। ସେ କିଶୋରନଗର ବ୍ଲକର ବିଭିନ୍ନ ସ୍କୁଲରେ ଶିକ୍ଷକତା କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପୁଅ, ବୋହୂ, ନାତି, ନାତୁଣୀଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କ ପରଲୋକକୁ ନେଇ କିଶୋରନଗର ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ବ୍ୟାଙ୍କ ମ୍ୟାନେଜରଙ୍କ ମୃତ୍ୟୁ

**ଆଠମଲ୍ଲିକ,୨।୫(ଡି.ଏନ.ଏ.):** ଆଠମଲ୍ଲିକ ସହରରେ ଥିବା ଆଇସିଆଇସିଆଇ ବ୍ୟାଙ୍କ ଶାଖାରେ ମ୍ୟାନେଜର ଭାବେ କାର୍ଯ୍ୟରତ ଦିଲ୍ଲୀପ କୁମାର ପାତ୍ର (୩୧)ଙ୍କ ରବିବାର ମୃତ୍ୟୁ ଘଟିଛି। କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ସେ ପ୍ରାଣ ହରାଇଛନ୍ତି। ତାଙ୍କ ଘର ନୟାଗଡ଼ ଜିଲ୍ଲା ଇଟାମାଟି ଗ୍ରାମରେ। ଗତ ୨୨ ତାରିଖରେ ସେ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ଆଠମଲ୍ଲିକ ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କ ରକ୍ତ ଚାପ କମି ଯାଇଥିବା ଜଣାପଡିଥିଲା।



ପ୍ରାଥମିକ ଚିକିତ୍ସା ପରେ କଟକର ଏକ ଘରୋଇ ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ କୋଭିଡ୍ ପରୀକ୍ଷା କରାଯିବାରୁ ସେ କରୋନା ସଂକ୍ରମିତ ବୋଲି ଜଣାପଡିଥିଲା। କରୋନା ଚିକିତ୍ସା ହେଉଥିବା ଅବସ୍ଥାରେ ଅମ୍ଳଜାନ କମିଯିବାରୁ ରବିବାର ତାଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି। ଏହି ଖବର ଆଠମଲ୍ଲିକ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

# ଶେଷରେ ଶେଷ ଅସ୍ତ୍ର

- ଲକ୍‌ଡାଉନ୍ ନିଷ୍ପତ୍ତିକୁ ସ୍ୱାଗତ
- ବିଳମ୍ବରେ ହେଲେ ମଧ୍ୟ ସରକାର ଚେତିଲେ
- କଟକଣା ମାନିବା ସମୟ ଆସିଛି



ସପ୍ତାହାନ୍ତ ଶଟ୍‌ଡାଉନ୍ ଅବସରରେ ଶୂନଶାନ ଅନୁଗୋଳ ସହର।

**ଅନୁଗୋଳ ଅଫିସ, ୨।୫**

କରୋନା ସଂକ୍ରମଣ ରୋକିବାକୁ ସରକାର କଟକଣା କଡ଼ାକଡ଼ି କରିଛନ୍ତି। ମାସ୍କ, ସାମାଜିକ ଦୂରତ୍ୱ ନିୟମ ପାଳନ କରୁ ନ ଥିବା ଲୋକଙ୍କ ଠାରୁ ଜରିମାନା ଆଦାୟ କରୁଛନ୍ତି। ଆବଶ୍ୟକସ୍ଥଳେ ସେମାନଙ୍କ ନାମରେ ମାମଲା ରୁଜୁ କରାଯାଉଛି। ବ୍ୟବସାୟୀମାନେ ଏହାର ଉଲ୍ଲଂଘନ କଲେ ଦୋକାନ ସିଲ୍ ହେଉଛି। ମାସ ମାସ ଧରି ପୋଲିସ, ପ୍ରଶାସନିକ ଅଧିକାରୀ ଯାଞ୍ଚ, ଚଢ଼ାଉ କରୁଥିଲେ ମଧ୍ୟ ସଂକ୍ରମଣ ନିୟନ୍ତ୍ରଣରେ ରହୁନାହିଁ। ଏପରି କି ସୀମା ସିଲ୍, ଆନ୍ତଃରାଜ୍ୟ ବସ୍ ଚଳାଚଳ ବନ୍ଦ ସହ ସପ୍ତାହାନ୍ତ ଶଟ୍‌ଡାଉନ୍ କାମ ଦେଉନାହିଁ। ଏବେ ସଂକ୍ରମଣ ଗ୍ରାଫ୍ ଏତେ ଉପରମୁହାଁ ଯେ ଶେଷରେ ସରକାରଙ୍କୁ ଶେଷ ଅସ୍ତ୍ର ଭାବେ ଲକ୍‌ଡାଉନ୍ ଲଗାଇବାକୁ ପଡ଼ିଛି। ଆସନ୍ତା ୫ ରୁ ୧୯ ତାରିଖ ପର୍ଯ୍ୟନ୍ତ ୧୪ ଦିନ ଯାଏ ସାରା ରାଜ୍ୟ ଲକ୍‌ଡାଉନ୍ ରହିବ ବୋଲି ରବିବାର ସରକାର ଘୋଷଣା କରିଛନ୍ତି। ବିଳମ୍ବରେ ହେଲେ ମଧ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ଅନୁଗୋଳବାସୀ ସ୍ୱାଗତ କରିଛନ୍ତି। ସରକାରଙ୍କ ଏହି କଠୋର କଟକଣାକୁ ସମସ୍ତେ ଠିକ୍ ଭାବେ ପାଳନ କରିବାର ସମୟ ଆସିଯାଇଛି ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ଗତ ଏକମାସ ମଧ୍ୟରେ ରାଜ୍ୟରେ କରୋନା ସଂକ୍ରମଣ ଅତି ଦ୍ରୁତଗତିରେ ବଢ଼ିଛି। ଏପ୍ରିଲ ୧ ତାରିଖରେ ଦୈନିକ ପଜିଟିଭ୍ ସଂଖ୍ୟା ୪ ଶହ ତଳେ ଥିବାବେଳେ ମେ' ୧ ତାରିଖରେ ଏହା ୧୦ ହଜାର ଟପିଯାଇଛି। ଅନୁଗୋଳରେ ମଧ୍ୟ ସଂକ୍ରମିତ ସଂଖ୍ୟା ସାଧାରଣରେ ଭୟ ସୃଷ୍ଟି କରିବା ଭଳି ଦେଖାଯାଇଛି। ଗତ ଫେବୃଆରୀ ଓ ମାର୍ଚ୍ଚ ୨ ମାସରେ ଜିଲାରେ ମାତ୍ର ୨୪୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିଲେ। କିନ୍ତୁ କେବଳ ଏପ୍ରିଲ ମାସରେ ୩୧୯୦ ଜଣ ପଜିଟିଭ୍ ବାହାରିବା ଅନୁଗୋଳବାସୀଙ୍କୁ ଚିନ୍ତାରେ ପକାଇଛି। କିଛିଦିନ ଧରି ଜିଲାରେ ଦୈନିକ ସଂକ୍ରମଣ ୩ଶହ ଟପିଯାଇଥିବାବେଳେ ଗତ ୧ ତାରିଖରେ ୬୦୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୨ ତାରିଖ ରବିବାର ଆଉ ୩୨୦ ଜଣଙ୍କ ସ୍ୱାବ୍ ପଜିଟିଭ୍ ଥିବା ସୂଚନା ମିଳିଛି। ରାଜ୍ୟରେ ସଂକ୍ରମଣ ସ୍ଥିତି ଧୀରେ ଧୀରେ ସଙ୍ଗିନ ହେଉଥିବାରୁ ରାଜ୍ୟ ସରକାର ଜୀବିକା ପରିବର୍ତ୍ତେ ଜୀବନ ରକ୍ଷାକୁ ଅଧିକ ଗୁରୁତ୍ୱ ଦେଇ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଏହାଦ୍ୱାରା ରାଜ୍ୟ ଆର୍ଥିକ ଭାବେ କ୍ଷତିଗ୍ରସ୍ତ ହେବ ବୋଲି ଜାଣି ମଧ୍ୟ ସରକାର ଏପରି ଶେଷ ଅସ୍ତ୍ର ପ୍ରୟୋଗ କରିବାକୁ ବାଧ୍ୟ ହୋଇଛନ୍ତି। ତେଣୁ ଏହାକୁ କଡ଼ାକଡ଼ି ଭାବେ ଲାଗୁ କରାଯିବା ସରକାରଙ୍କ ଯେତିକି ଦାୟିତ୍ୱ, ଠିକ୍ ଭାବେ ପାଳନ କରିବା ସମସ୍ତ ଜନତାଙ୍କ ସେତିକି କର୍ତ୍ତବ୍ୟ। ଏହା ନ ହେଲେ ସଂକ୍ରମଣର ଦ୍ରୁତଗତିକୁ ରୋକିବା ସମ୍ଭବ ହେବ ନାହିଁ। ପୂର୍ବରୁ କେତେକ ରାଜ୍ୟରେ ଲକ୍‌ଡାଉନ୍ ଘୋଷଣା କରାଯାଇଥିଲେ ମଧ୍ୟ ସେଠାରେ ଦୈନିକ ପଜିଟିଭ୍ ସଂଖ୍ୟାରେ ସେତେଟା ହ୍ରାସ ଦେଖିବାକୁ ମିଳିନାହିଁ। ତେଣୁ ସେଥିରୁ ଶିକ୍ଷାଗ୍ରହଣ କରି ଅନୁଗୋଳ ଜିଲାବାସୀ ଲକ୍‌ଡାଉନ୍‌କୁ କଠୋର ଭାବେ ପାଳନ କରିବାର ଆବଶ୍ୟକତା ଢେର ବଢ଼ିଯାଇଛି ବୋଲି ବୁଦ୍ଧୀଜୀବମାନେ କହିଛନ୍ତି।

### ଆଇନ ପ୍ରତି ଭୟ ନାହିଁ



"କୋଭିଡ୍ କଟକଣାକୁ ଅମାନିଆମାନେ ଖାତିର କରୁନାହାନ୍ତି। ଏଥିରୁ ଆଇନ ପ୍ରତି ସେମାନଙ୍କ ମନରେ ଭୟ ନ ଥିବା ଜଣାପଡୁଛି। ଏପରି ଲୋକମାନେ ସଂକ୍ରମଣ ବଢ଼ାଉଛନ୍ତି। ବାଧହୋଇ ସରକାର ଲକ୍‌ଡାଉନ୍ ଘୋଷଣା କରିଥିବାରୁ ଏବେ ନିୟମକୁ କଡ଼ାକଡ଼ି ପାଳନ କରିବା ଦିଗରେ ସମସ୍ତେ ସଚେତନ ହେବାର ସମୟ ଆସିଛି।

-ପ୍ରଫେସର ଶାନ୍ତନୁ କୁମାର ସର, ଅନୁଗୋଳ

### ସଚେତନ ହେବା ଆବଶ୍ୟକ



"ରାଜ୍ୟ ସରକାର ଠିକ୍ ସମୟରେ ଠିକ୍ ପଦକ୍ଷେପ ନେଇଛନ୍ତି। ଏହାକୁ ସ୍ୱାଗତ କରାଯିବା ଆବଶ୍ୟକ। ବଢୁଥିବା କରୋନା ଗ୍ରାଫ୍‌କୁ ଅନୁଧାନ କରି ଏଭଳି ନିଷ୍ପତ୍ତି ନିଆଯାଇଛି। ଯେଉଁ ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ବହୁ ଅଧିକ ରହୁଛି, ସେଠାରେ ଚେନ୍‌କୁ ବ୍ରେକ୍ ଦେବା ପାଇଁ ଏଭଳି ପଦକ୍ଷେପ ନିଆଯାଉଛି। ଲୋକମାନେ ଏହାକୁ ମାନିନେବା ଉଚିତ ହେବ।

-ହେମନ୍ତ ଦାସ, ପୂର୍ବତନ ପ୍ରଶାସକ, ଅନୁଗୋଳ

### ଚେନ୍ ଭାଙ୍ଗିବା ଲକ୍ଷ୍ୟ



"ରାଜ୍ୟରେ ବଢୁଥିବା କରୋନା ସଂକ୍ରମଣ ଚେନ୍‌ରେ ରୋକ୍ ଲଗାଇବା ପାଇଁ ଲକ୍‌ଡାଉନ୍ କରାଯିବା ସମୟ ଆସିଯାଇଥିବା ସରକାର ହୃଦ୍‌ବୋଧ କରିବା ପରେ ଏହି ପଦକ୍ଷେପ ନେଇଛନ୍ତି। ଏଥିରେ ବିଳମ୍ବ ହୋଇନାହିଁ, ବରଂ ସବୁ ଦିଗରୁ ଅନୁଧ୍ୟାନ କରାଯାଇ ନିଷ୍ପତ୍ତି ନିଆଯାଇଛି। ତେବେ ଏହାକୁ ଯେତେ କଡ଼ାକଡ଼ି ପାଳନ କରାଯିବ, ସେତେ ଭଲ।

-ଧରଣୀଧର ନାଥ, ପୂର୍ବତନ ପ୍ରଶାସକ, ଅନୁଗୋଳ

### ଅବହେଳାରୁ ବଢ଼ିଛି ସଂକ୍ରମଣ



"କୋଭିଡ୍ ସଂକ୍ରମଣ ପୂର୍ବରୁ ଧୀରେ ଧୀରେ ବଢୁଥିବା ବେଳେ ତାହାକୁ ସରକାର ଗୁରୁତ୍ୱର ସହ ନେଲେନାହିଁ। ବିଭିନ୍ନ ରାଜନୈତିକ କାର୍ଯ୍ୟକ୍ରମ କରିଚାଲିଲେ। ଉପନିର୍ବାଚନ ପାଇଁ ମାଳ ମାଳ ଶୋଭାଯାତ୍ରା କରାଗଲା। ମାର୍କେଟ୍, ମଲ୍, ସିନେମା ହଲ୍ ଆଦିରେ ଭିଡ଼ ବଢ଼ିଲା। ସରକାରଙ୍କ ଅବହେଳା ଯୋଗୁ ଏବେ ସ୍ଥିତି ଅଣାୟତ୍ତ ହୋଇଯାଇଛି।

-ସ୍ୱରୂପ କୁମାର ପାଢ଼ୀ, ଅନୁଗୋଳ

### ୨ ଦିନରେ ୯୨୨ ପଜିଟିଭ୍

**ଅନୁଗୋଳ ଅଫିସ,୨।୫**

ଅନୁଗୋଳ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିଛି। ପୂର୍ବରୁ ଦୈନିକ ୪ଶହ ପାଖାପାଖି ପଜିଟିଭ୍ ଚିହ୍ନଟ ହେଉଥିବା ବେଳେ ଗତ ଶନିବାର ଜିଲାରେ ୬୦୨ ଜଣ ନୂଆ ସଂକ୍ରମିତ ବାହାରିବା ପ୍ରଶାସନ ଓ ଜନସାଧାରଣଙ୍କୁ ଚକିତ କରିଛି। ସେହିପରି ରବିବାର ୩୨୦ ଜଣ ପଜିଟିଭ୍ ବାହାରିଛନ୍ତି। ଦୁଇ ଦିନରେ ଜିଲାରୁ ୯୨୨ ଜଣ କୋଭିଡ୍‌ରେ ଆକ୍ରାନ୍ତ ହୋଇଥିବାରୁ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୬ ହଜାର ୬୧୪ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଶନିବାର ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ବଣାଁରପାଳ ବ୍ଲକରୁ ୧୦୨, ଛେଣ୍ଡିପଦା ବ୍ଲକରୁ ୭୫, ଅନୁଗୋଳ ପୌରାଞ୍ଚଳରୁ ୬୪, କଣିହାଁ ବ୍ଲକରୁ ୬୧, ତାଳଚେର ବ୍ଲକରୁ ୫୯, ତାଳଚେର ପୌରାଞ୍ଚଳରୁ ୫୯, ଅନୁଗୋଳ ବ୍ଲକରୁ ୫୫, କିଶୋରନଗର ବ୍ଲକରୁ ୫୫, ପାଲଲହଡ଼ା ବ୍ଲକରୁ ୪୪, ଆଠମଲ୍ଲିକ ଏନ୍‌ଏସିରୁ ୧୭ ଓ ଆଠମଲ୍ଲିକ ବ୍ଲକରୁ ୧୧ ଜଣ ରହିଛନ୍ତି। ଶନିବାର ଜିଲାରୁ ୧୪୮ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ରବିବାର ବଣାଁରପାଳ ବ୍ଲକରୁ ୭୧, ଛେଣ୍ଡିପଦା ବ୍ଲକରୁ ୪୬, ଅନୁଗୋଳ ପୌରାଞ୍ଚଳରୁ ୩୬, ତାଳଚେର ବ୍ଲକରୁ ୩୬, ତାଳଚେର ପୌରାଞ୍ଚଳରୁ ୩୪, ଅନୁଗୋଳ ବ୍ଲକରୁ ୨୭, ପାଲଲହଡ଼ା ବ୍ଲକରୁ ୨୫, କଣିହାଁ ବ୍ଲକରୁ ୨୦, ଆଠମଲ୍ଲିକ ବ୍ଲକରୁ ୧୦ ଓ କିଶୋରନଗର ବ୍ଲକରୁ ୫ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧୪୦ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଜୁଆ ଆଡ୍ଡାରେ ଚଢ଼ାଉ, ୪ ଗିରଫ

**ଖମାର,୨।୫**

ପାଲଲହଡା ଉପଖଣ୍ଡ ଖମାର ଥାନା ବାରମାଇଲ ଛକ ନିକଟ ଜଙ୍ଗଲ ଭିତରେ ପୋଲିସ ଚଢାଉ କରି ୪ ଜୁଆଡିଙ୍କୁ ଗିରଫ କରିଛି। ସେମାନେ ହେଲେ ନାରାୟଣ ପେଷ୍ଟଇ, ସନ୍ତୋଷ କୁମାର ସାହୁ, ମେଘୁ ନାଏକ, ସୌମ୍ୟରଞ୍ଜନ ବାଇ। ସେମାନଙ୍କ ନିକଟରୁ ଗେଟି, ପାଲି, ଜରିପାଲ, ୧ ଲକ୍ଷ ୬୯ ହଜାର ଟଙ୍କା, ୧୬ ବାଇକ, ୨ ସାଇକେଲ ଜବତ କରାଯାଇଛି। ଖମାର ଥାନା ଅଧିକାରୀ ନିରୋଦ କୁମାର ଦାସ, ପ୍ରିୟବ୍ରତ ପ୍ରଧାନ, ଏଏସ୍‌ଆଇ ସଞ୍ଜୟ କୁମାର ଦେହୁରୀ, କନଷ୍ଟେବଳ ବିଷ୍ଣୁସେନ ବେହେରା, ତୋଫାନ କିଷାନ, ମୁନା ନାୟକ, ଅଜିତ ପ୍ରଧାନ ପ୍ରମୁଖ ଚଢାଉରେ ସାମିଲ ଥିଲେ। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।



ଖମାର ଥାନା ପୋଲିସ ଚଢ଼ାଉ କରି ଜୁଆଡ଼ିମାନଙ୍କୁ ଗିରଫ କରିବା ସହ ଗାଡ଼ି ଜବତ କରିଛି।

## ଚାଳକଙ୍କଠାରୁ ଲୁଟ୍, ୫ ଗିରଫ

**କଣିହାଁ,୨।୫(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ପୋଲିସ ଏକ ଟ୍ରକ୍ ଚାଳକଙ୍କୁ ମାଡମାରି ଲୁଟ୍ ଅଭିଯୋଗରେ ରବିବାର ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସମଲ ଥାନା ଟିପୋ ଗ୍ରାମର ଜୟନ୍ତ ସେଠୀ (୨୫), ସୁମନ୍ତ ସେଠୀ(୨୧), ଏକାଦୁଶିଆ ବେହେରା(୨୫), ବିଲିଣ୍ଡା ଗ୍ରାମର ଲିପକ ବେହେରା(୨୨), ସମଲ ଗ୍ରାମର ସନ୍ତୋଷ ସାମଲ(୨୫)। ଅଭିଯୋଗରୁ ପ୍ରକାଶ ଯେ, ଶନିବାର ରାତିରେ ୬ଜଣ ଅଭିଯୁକ୍ତ ସମଲଠାରେ ଏକ କନଷ୍ଟ୍ରକଶନ କମ୍ପାନୀର ଟ୍ରକ୍‌କୁ ଅଟକାଇଥିଲେ। ଏହାପରେ ଚାଳକଙ୍କୁ ମାଡମାରି ଅଭିଯୁକ୍ତମାନେ ୧୦ ହଜାର ଟଙ୍କା ଲୁଟି ନେଇଯାଇଥିଲେ। ଏ ନେଇ କମ୍ପାନୀ ସାଇଡ୍ ସୁପରଭାଇଜର ଅଶ୍ୱିନୀ କୁମାର ଦେବତା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ସଂକ୍ରାନ୍ତରେ ନମ୍ବର ୯୮/୨୦୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତମାନଙ୍କ ସମ୍ପର୍କରେ ସୂଚନା ମିଳିବା ପରେ ୫ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରିଥିବା ଆଇଆଇସି ଚାରୁଲତା ବେହେରା ସୂଚନା ଦେଇଛନ୍ତି।

## ସ୍ଥିତି ସମୀକ୍ଷା କଲେ ଜିଲାପାଳ

**ଅନୁଗୋଳ ଅଫିସ,୨।୫**

ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଜିଲାର କୋଭିଡ୍ ସ୍ଥିତି ସମ୍ପର୍କରେ ରବିବାର ଅପରାହ୍ନରେ ତାଙ୍କ କାର୍ଯ୍ୟାଳୟରେ ସମୀକ୍ଷା କରିଛନ୍ତି। ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ସେମାନଙ୍କ ଚିକିତ୍ସା ପାଇଁ ତାଳଚେରଠାରେ କୋଭିଡ୍ ମେଡିକାଲ କାର୍ଯ୍ୟକ୍ଷମ କରାଯାଇଛି। ସେଠାରେ ଚିକିତ୍ସା ବ୍ୟବସ୍ଥା ସହ ଖାଦ୍ୟ ଓ ପାନୀୟ ଜଳ ବ୍ୟବସ୍ଥା ରହିଛି। ଆକ୍ରାନ୍ତଙ୍କୁ ମେଡିକାଲ ନେବାକୁ ଆବଶ୍ୟକ କିଟ୍ ବ୍ୟାଗ ଯୋଗାଇବା ସହ ଆର୍‌ଟିଓଙ୍କୁ ପରିବହନ ପାଇଁ ଗାଡ଼ି ଯୋଗାଇ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଶନିବାର ୩ ଜଣ କରୋନା ଆକ୍ରାନ୍ତଙ୍କୁ ଉକ୍ତ କୋଭିଡ୍ ହସ୍ପିଟାଲକୁ ରେଫର କରାଯାଇଛି। ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାକୁ ଦୃଷ୍ଟିରେ ରଖି ଜରୁରୀ ସ୍ଥିତିରେ ସେମାନଙ୍କୁ ହସ୍ପିଟାଲ ନେବାକୁ ଛେଣ୍ଡିପଦା ଓ ବଣାଁରପାଳ ଅଞ୍ଚଳରେ ୨ଟି ଗାଡ଼ି ପ୍ରସ୍ତୁତ ରଖାଯାଇଛି। ସେହିପରି ସଦର ମହକୁମା ଛାଡ଼ି କାର୍ଯ୍ୟରତ କେହି ସ୍ୱାସ୍ଥ୍ୟ କର୍ମଚାରୀ, ଅଧିକାରୀ ଓ ଡାକ୍ତର ବାହାରକୁ ଯାଇ ପାରିବେ ନାହିଁ ବୋଲି ଜିଲାପାଳ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ସିଡିଏମ୍‌ଓ ଅଭୟ କୁମାର ଦାଶ, ଆରଟିଓ ବିଭଭଞ୍ଜନ ସାମନ୍ତସିଂହାର ପ୍ରମୁଖଙ୍କ ସହ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।



ଜିଲାପାଳଙ୍କ ଅଧକ୍ଷତାରେ କରୋନା ସମୀକ୍ଷା ବୈଠକ ଚାଲିଛି।

## ଅକ୍ସିଜେନ୍ ସହାୟତା କେନ୍ଦ୍ର ଶୁଭାରମ୍ଭ

- ୩୦ ଅଞ୍ଚଳରେ ରୋଗୀଙ୍କୁ ଦିଆଯିବ ସୁବିଧା
- ଗୋଟିଏ କେନ୍ଦ୍ରରେ ରହିଛି ୨ଟି ବେଡ୍

**ଅନୁଗୋଳ ଅଫିସ,୨।୫**



ଅକ୍ସିଜେନ ସହାୟତା କେନ୍ଦ୍ରରେ ପ୍ରସ୍ତୁତ ରଖାଯାଇଥିବା ବେଡ୍ ଓ ଅକ୍ସିଜେନ ସିଲିଣ୍ଡର।

ଅନୁଗୋଳ ଜିଲାରେ ରବିବାର ଠାରୁ ଅକ୍ସିଜେନ୍ ସହାୟତା କେନ୍ଦ୍ରର ଶୁଭାରମ୍ଭ ହୋଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏହି କେନ୍ଦ୍ର ଜିଲାର ୩୦ଟି ଅଞ୍ଚଳରେ ଖୋଲିବାକୁ ମେଡିକାଲ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରଥମ ଦିନରେ ଜିଲାର ଉପାନ୍ତ ଅଞ୍ଚଳରେ ସେବା ଆରମ୍ଭ ହୋଇଛି। କିଆକଟା, ଜମରଢ଼ିହ, ଚୁଟକେଇ, ବେତର, ପୁରୁଣାକୋଟ ଆଦି ଅଞ୍ଚଳରେ ସହାୟତା କେନ୍ଦ୍ର ଖୋଲାଯାଇଛି। ଆଗାମୀ ଦିନରେ ୮ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନ୍ୟ କେନ୍ଦ୍ରଗୁଡ଼ିକ କାର୍ଯ୍ୟକାରୀ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ବିଭିନ୍ନ ଉପାନ୍ତ ଅଞ୍ଚଳରେ ନିଜ ଘରେ ସଙ୍ଗରୋଧରେ ରହୁଥିବା ସଂକ୍ରମିତଙ୍କୁ ସେବା ଯୋଗାଇବାରେ ବିଳମ୍ବ ହେଉଥିବାରୁ ସେମାନଙ୍କ ଜୀବନହାନି ଘଟୁଛି। ଏହାକୁ ଦୃଷ୍ଟିରେ ରଖି ପ୍ରତି ଅଞ୍ଚଳରେ ଅକ୍ସିଜେନ୍ ସହାୟତା କେନ୍ଦ୍ର ଖୋଲାଯିବାର ଯୋଜନା କରାଯାଇଛି। ସଂକ୍ରମିତମାନେ ରାତିରେ କୌଣସି ସମସ୍ୟାରେ ପଡ଼ିଲେ ତୁରନ୍ତ କୋଭିଡ୍ ରକ୍ଷକ ଓ ଆଶା କର୍ମୀଙ୍କୁ ଫୋନ୍‌ରେ ଯୋଗାଯୋଗ କରିବେ। ଏହାପରେ ସେମାନେ ସଂକ୍ରମିତଙ୍କୁ ଅକ୍ସିଜେନ୍ ସହାୟତା କେନ୍ଦ୍ରକୁ ନେଇ ଅକ୍ସିଜେନ୍ ପ୍ରଦାନ କରିବେ। ପରେ ଆମ୍ବୁଲାନ୍ସରେ ତାଙ୍କୁ କୋଭିଡ୍ ମେଡିକାଲକୁ ସ୍ଥାନାନ୍ତରିତ କରାଯିବ। ସେହିପରି ଯେଉଁମାନେ ସଂକ୍ରମିତ ହେବା ମାତ୍ରେ ଗୁରୁତର ହୋଇପଡୁଛନ୍ତି, ସେମାନଙ୍କୁ ପ୍ରଥମେ ଅକ୍ସିଜେନ୍ ସହାୟତା କେନ୍ଦ୍ରକୁ ଅଣାଯାଇ ଅକ୍ସିଜେନ୍ ଦିଆଯିବ। ସୁସ୍ଥ ଅନୁଭବ କରିବା ପରେ ଘରକୁ ଛଡ଼ାଯିବ। ଯଦି ସମସ୍ୟା ଉପୁଜେ, ଡାକ୍ତରଖାନା ଅଣାଯିବ। ଗୋଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବନ୍ତଳା, କଣିହାଁ, ବଣାଁରପାଳ, ମାଧପୁର, କିଶୋରନଗର, ଖମାର ଓ କୋଶଳା ଆଦି ୩୦ଟି ସ୍ଥାନରେ ଏହି କେନ୍ଦ୍ର ଖୋଲାଯାଇଛି। ଆଗାମୀ ଦିନରେ ଏହି କେନ୍ଦ୍ରଗୁଡ଼ିକୁ ଟିକାଦାନ କେନ୍ଦ୍ରରେ ମଧ୍ୟ ପରିଣତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ୨୦ ଦୋକାନ ସିଲ୍ କଲା ପ୍ରଶାସନ

**ଶଟ୍‌ଡାଉନ୍ ଉଲ୍ଲଂଘନ**

**ଅନୁଗୋଳ ଅଫିସ,୨।୫**

କୋଭିଡ୍ ଚେନ୍ ଭାଙ୍ଗିବାକୁ ରାଜ୍ୟ ସରକାର ସପ୍ତାହାନ୍ତ ଶଟ୍‌ଡାଉନ୍ ଲାଗୁ କରିଛନ୍ତି। ହେଲେ ରବିବାର ଅନୁଗୋଳ ସହରରେ ଏହାର ଉଲ୍ଲଂଘନ ଦେଖିବାକୁ ମିଳିଥିଲା। କେବଳ ଜରୁରୀ ସାମଗ୍ରୀ ବିକ୍ରି ପାଇଁ କେତେଜଣ ଦୋକାନୀଙ୍କୁ ଅନୁମତି ଦିଆଯାଇଥିବା ବେଳେ ଆଉ କେତେଜଣ ଦୋକାନୀ କଟକଣା ଅମାନ୍ୟ କରି ବ୍ୟବସାୟ ଚଳାଇଥିଲେ। ଖବରପାଇବା ମାତ୍ରେ ଏହି ଅମାନିଆ ବ୍ୟବସାୟୀଙ୍କୁ ସାବାଡ଼ କରିବାକୁ ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀଙ୍କ ସହ ଅନ୍ୟ ପ୍ରଶାସନିକ ଅଧିକାରୀ ଓ ପୋଲିସ ସହରରେ ଘୁରି ବୁଲିଥିଲେ। ଏହି ସମୟରେ ଉପଜିଲାପାଳଙ୍କ ହାତରେ ବାଡ଼ି ଥିବା ଦେଖିବାକୁ ମିଳିଥିଲା। ସହରର ୨୦ଟି ଦୋକାନକୁ ୬ ଦିନ ପାଇଁ ସିଲ୍ କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ସପ୍ତାହାନ୍ତ ଶଟ୍‌ଡାଉନ୍ ଥିଲେ ମଧ୍ୟ କିଏ ଦୋକାନ ଖୋଲି ଚା' ବିକ୍ରି କରିଥିଲେ ତ ଆଉକିଏ ତେଜରାତି ସାମଗ୍ରୀର ବେପାର ଚଳାଇଥିଲେ। ସେହିପରି ବହୁ ପରିବା ବେପାରୀ କୁଢ଼ କୁଢ଼ ପରିବା ଆଣି ରାସ୍ତା ପାର୍ଶ୍ୱ ଓ ଡେଲି ମାର୍କେଟ୍‌ରେ ବିକ୍ରି କରୁଥିଲେ। ଏହା ଜାଣି ଉପଜିଲାପାଳ ତାଙ୍କ ଟିମ୍ ନେଇ ଚଢ଼ାଉ କରିଥିଲେ। ପ୍ରଥମେ ଦୋକାନ ବଜାର ବନ୍ଦ କରିବାକୁ ନିବେଦନ କରିଥିଲେ। ଏହାକୁ ବ୍ୟବସାୟୀମାନେ କର୍ଣ୍ଣପାତ ନ କରିବାରୁ ଉପଜିଲାପାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ବାଡ଼ି ଧରି ତୁରନ୍ତ ଦୋକାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାଦେଖି କେତେଜଣ ଦୋକାନୀ ଛାନିଆରେ ଦୋକାନ ବନ୍ଦ କରିଥିବାବେଳେ ଆଉ କେତେଜଣ ଶଟ୍‌ର ଟାଣି ଭିତିରିଆ କାରବାର ଚଳାଇଥିଲେ। ଫଳରେ ଉପଜିଲାପାଳ ଉକ୍ତ ଦୋକାନଗୁଡ଼ିକୁ ସିଲ୍ କରିଥିଲେ। ଅନୁମତି ନେବାକୁ ବ୍ୟବସାୟୀମାନେ ଆସିଲେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଉପଜିଲାପାଳ ବାସୁଦେବ ଶତପଥୀ କହିଛନ୍ତି, ସପ୍ତାହାନ୍ତ ଶଟ୍‌ଡାଉନ୍‌ରେ ଦୋକାନୀମାନେ ମନଇଚ୍ଛା ବ୍ୟବସାୟ କରୁଛନ୍ତି। ଓମ୍‌ଫେଡ୍‌ରେ ତେଜରାତି ସାମଗ୍ରୀ ବିକ୍ରି କରୁଛନ୍ତି। ତେଣୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।




ଅମାନିଆ ଦୋକାନୀମାନଙ୍କୁ ଉପଜିଲାପାଳ ଓ ଅନ୍ୟ ଅଧିକାରୀମାନେ ସାବାଡ଼ କରୁଛନ୍ତି।

